# ସବୁଜ ଗିରି
## SABUJA GIRI

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

2025070521

ଏକବିଂଶତମ ବର୍ଷ | ସଂଖ୍ୟା - ୧ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୫୦୭୦୫୨୧ | ଏପ୍ରିଲ-ଜୁନ୍ ୨୦୨୫













# ବିକଶିତ କୃଷି ସଂକଳ୍ପ ଅଭିଯାନ:

## କୃଷି ଓ କୃଷକର ଉନ୍ନତି ନିମନ୍ତେ ପ୍ରଧାନମନ୍ତ୍ରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମଗ୍ର ଦେଶରେ ୨୯ମେ ଠାରୁ ୧୨ ଜୁନ୍ ୨୦୨୫ ପର୍ଯ୍ୟନ୍ତ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ଏହି ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ଥିବା ୨୦୦୦ କୃଷି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ ଏବଂ ୧.୫ କୋଟିରୁ ଅଧିକ କୃଷକ ଲାଭାନ୍ୱିତ ହୋଇଥିଲେ। ଏହି ଉପଲକ୍ଷେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରରେ ରା.ଉଦୟଗିରି ବ୍ଲକର ଶବରପଲ୍ଲୀ ଗ୍ରାମରେ ସ୍ଥାନୀୟ ବିଡ଼ିଓ ମେ ୨୯ ତାରିଖ ଦିନ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଗଜପତି ଜିଲ୍ଲାର ୩୭୧ଟି ଗ୍ରାମରେ ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିଲା ଏବଂ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଆଇସିଏର୍ (ସିଫା)ର ପ୍ରମୁଖ ବୈଜ୍ଞାନିକଗଣ ଯୋଗଦେଇ ଜିଲ୍ଲାରେ ମତ୍ସ୍ୟ ସମ୍ପଦର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ ବିଭାଗର ସମସ୍ତ ଅଧିକାରୀ ବିଭିନ୍ନ ସରକାରୀ ଯୋଜନା ଯଥା- ପି.ଏମ୍.କିଶାନ୍, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୃତ୍ତିକା ପରିଚାଳନା ତଥା ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ଆଧାରିତ ଫସଲ ଚୟନ ସମ୍ବନ୍ଧରେ ସୂଚନା ପ୍ରଦାନ କରି, ଏହାଦ୍ୱାରା ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ତଥା ଅନ୍ୟାନ୍ୟ ବୈଜ୍ଞାନିକମାନେ ପ୍ରାକୃତିକ କୃଷି, ଜଳବାୟୁ ସହନଶୀଳ କୃଷି, ଡ୍ରୋନ ଦ୍ୱାରା କୃଷିକାର୍ଯ୍ୟର ସୁପରିଚାଳନା, କୃଷି କ୍ଷେତ୍ରରେ ଉଦ୍ୟୋଗୀକରଣ କୃଷିଯାନ୍ତ୍ରୀକରଣ ଉପରେ ଆଲୋକପାତ କରିଥିଲେ। କୃଷି ରଥ ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମରେ ପ୍ରଚାର କରାଯାଇଥିଲା। ଏଥିରେ ଜିଲ୍ଲାର ୩୮୪୨୫ ଜଣ ଚାଷୀ ଉପକୃତ ହୋଇଥିଲେ।



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

# ପ୍ରୋଟିନ୍‌ଯୁକ୍ତ ଧାନର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ




ଗଜପତି ଜିଲ୍ଲାରେ ଆଦିବାସୀ ଚାଷୀ ଭାଇମାନେ ଖରିଫ୍ ଋତୁରେ ଧାନ ଚାଷ କରିଥାନ୍ତି । ଚଳିତ ଖରିଫ୍ ଋତୁରେ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ରା.ଉଦୟଗିରି ବ୍ଲକର ସୁରେଖମାର, ବର୍ସିଗୁଡ଼ା, କଞ୍ଚମୂଳ ଏବଂ ନୂଆଗଡ଼ ବ୍ଲକର ଅତରସିଂ, ଜଙ୍ଗ୍‌ଜଙ୍ଗ୍ ଗ୍ରାମରେ ୩୦ ଜଣ ଚାଷୀଙ୍କର ୩୦ ଏକର ଜମିରେ ପ୍ରୋଟିନଯୁକ୍ତ ଧାନ କିସମର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରୋଟିନଯୁକ୍ତ ଧାନ ବିହନ ସି.ଆର୍ ଧାନ ୩୧୧ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏହା ସହିତ ବୈଜ୍ଞାନିକ ପ୍ରଣାଳୀରେ ଧାନଚାଷ ବିଷୟରେ ତାଲିମ୍ ମଧ୍ୟ ଦିଆଯାଇଥିଲା । ଏହି କିସମଟି କଟକସ୍ଥିତ ଧାନ ଗବେଷଣା କେନ୍ଦ୍ରରୁ ଅଣାଯାଇଥିଲା । ଏଥିରେ ହାରାହାରି ଶତକଡ଼ା ୧୦ ଭାଗ ପ୍ରୋଟିନ୍ ରହିଥାଏ । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହାକୁ ଜିଲ୍ଲାରେ ଚାଷୀ ଭାଇମାନଙ୍କ ମଧ୍ୟରେ ଆହୁରି ଲୋକପ୍ରିୟ କରାଇବାର ଲକ୍ଷ୍ୟ ରଖାଯାଇଛି ।

# ଜୈବିକ ପଦ୍ଧତିରେ ହଳଦୀ ଚାଷର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ




ପାହାଡ଼ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଜଳବାୟୁ ମସଲା ଫସଲ ଚାଷ କରିବା ପାଇଁ ଉପଯୁକ୍ତ । ଚାଷ ହେଉଥିବା ବିଭିନ୍ନ ମସଲା ଫସଲ ମଧ୍ୟରୁ ହଳଦୀ ଅଧିକ ମାତ୍ରାରେ ଚାଷ ହୋଇଥାଏ । ଆଦିବାସୀ ଚାଷୀଙ୍କ ପାଇଁ ହଳଦୀ ଏକ ପ୍ରମୁଖ ଜୀବିକା ନିର୍ବାହକାରୀ ଅର୍ଥକାରୀ ଫସଲ । ଏହି ଜିଲ୍ଲାର କନ୍ଧ, ସଉରା ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ନିଜସ୍ୱ ଦେଶୀ ହଳଦୀ ବିହନ ପାହାଡ଼ିଆ ଜଙ୍ଗଲ ଜମିରେ ଏବଂ ଫଳ ବଗିଚା ଭିତରେ ସ୍ୱଦେଶୀ ପଦ୍ଧତିରେ କରାଯାଇଥାଏ । ଉପଯୁକ୍ତ ଯତ୍ନ ଓ କ୍ଷେତ୍ର ପରିଚାଳନା ଅଭାବରୁ ଅମଳ କମ୍ ହେବା ସଙ୍ଗେ ସଙ୍ଗେ ଏହାର ଗୁଣାତ୍ମକ ମୂଲ୍ୟ କମ୍ ହୋଇଥାଏ । ତେଣୁ ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଏବଂ କନ୍ଧମାଳସ୍ଥିତ ଆଞ୍ଚଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜୈବିକ ପଦ୍ଧତିରେ ହଳଦୀ ଚାଷର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ରା.ଉଦୟଗିରି, ନୂଆଗଡ଼ ଓ ଗୁମ୍ମା ବ୍ଲକର ୧୦୦ ଜଣ ଚାଷୀଙ୍କୁ ୫ ହେକ୍ଟର ଜମି ନିମନ୍ତେ ଉନ୍ନତ ମାନର ହଳଦୀ ବିହନ ଏବଂ ଜୈବିକ ଖତ ଯୋଗାଇ ଦିଆଯାଇଥିଲା । ଏହା ସହିତ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ବୈଜ୍ଞାନିକ ପଦ୍ଧତିରେ ହଳଦୀ ଚାଷ ପ୍ରଣାଳୀ ସମ୍ବନ୍ଧରେ ତାଲିମ୍ ଦିଆଯାଇ ଜୈବିକ ପଦ୍ଧତି ଆପଣେଇବା ଦ୍ୱାରା ହଳଦୀର ଅମଳ ଓ ଗୁଣାତ୍ମକ ମୂଲ୍ୟ ବୃଦ୍ଧି ପାଇବ ବୋଲି ବୁଝାଯାଇଥିଲା ।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ



ଓଡ଼ିଶାରେ ପାଳିତ ହେଉଥିବା ପର୍ବଗୁଡ଼ିକ ମଧ୍ୟରୁ ଅକ୍ଷୟ ତୃତୀୟା ହେଉଛି ଏକ ପ୍ରଧାନ କୃଷିଭିତ୍ତିକ ପର୍ବ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ଦିନ ଏହି ପର୍ବଟି ପାଳିତ ହୋଇଥାଏ । ଭଲ ଧାନ ଫସଲର ଆଶୀର୍ବାଦ ପାଇଁ ଏହିଦିନ କୃଷକମାନେ ମାତା ପୃଥିବୀ, ବଳଦ ଏବଂ ଅନ୍ୟାନ୍ୟ ପାରମ୍ପରିକ କୃଷି ଉପକରଣ ଏବଂ ଧାନ ବିହନ ପୂଜା କରି ଦିନଟି ଆରମ୍ଭ କରନ୍ତି । ଅକ୍ଷୟ ତୃତୀୟା ଦିନ କୃଷକମାନେ ନିଜ ନିଜ ଜମିରେ ବିଧିପୂର୍ବକ ଅକ୍ଷିମୁଠି ଅନୁକୂଳ କରି ଜମିରେ ଧାନବୁଣା କାମ ଆରମ୍ଭ କରନ୍ତି । ଚଳିତ ବର୍ଷ ଏପ୍ରିଲ ମାସ ୩୦ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ବି.ଏନ୍.ପେଲେସ୍ ପରିସରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରଥମେ ଆଦ୍ୟ ଦେବତାଙ୍କୁ ସ୍ମରଣ କରି ଜମିରେ ବିଧିପୂର୍ବକ ଭୂମିପୂଜା ଓ ଲକ୍ଷ୍ମୀପୂଜା କରି ଅଧିକ ଫସଲ ଅମଳର ଆଶା ନେଇ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ପାଳନ, ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଯୋଗ ଦେଇ ବିଭିନ୍ନ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ ବିଷୟରେ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା ।

NEWS LETTER

# କୃଷି ଚୌପାଲ କାର୍ଯ୍ୟକ୍ରମ




ଭାରତୀୟ କୃଷି ମନ୍ତ୍ରାଳୟ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ନିର୍ଦ୍ଦେଶ ଅନୁଯାୟୀ କୃଷି ବୈଜ୍ଞାନିକ ଏବଂ ଚାଷୀ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ କୃଷି ଚୌପାଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଚାଷୀଙ୍କ କ୍ଷେତ୍ରରୁ ମତାମତ କିମ୍ବା ଗବେଷଣାଯୋଗ୍ୟ ପ୍ରସଙ୍ଗ ସଂଗ୍ରହ କରିବା ଏବଂ ଚାଷୀମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଚାହିଦା କେନ୍ଦ୍ରିତ ସୂଚନା ଯୋଗାଇବା । ଚଳିତ ବର୍ଷ ଏପ୍ରିଲ ୧୨ ଏବଂ ମେ ୧୦ ତାରିଖରେ କେନ୍ଦ୍ର ପରିସରରେ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ମାଧ୍ୟମରେ ଉପସ୍ଥିତ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ସରକାରୀ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ଆଧାରିତ ଫସଲ ଚୟନ, ଜଳବାୟୁ ସହନଶୀଳ କୃଷି ସମ୍ବନ୍ଧରେ କେନ୍ଦ୍ରର ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ ଏବଂ ଅନ୍ୟାନ୍ୟ ବୈଜ୍ଞାନିକମାନେ ସୂଚନା ଦେଇଥିଲେ ।

# ଚିନାବାଦାମ ଫସଲର କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଗଜପତି ଜିଲ୍ଲାରେ ଅଧିକରୁ ଅଧିକ ଜମିରେ ଚିନାବାଦାମ ଚାଷ କରିବା ନିମନ୍ତେ ଚଳିତ ବର୍ଷ ଏକତ୍ର ଗୋଟିଏ ଜାଗାରେ ବୃହତ୍ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ଅମଳକ୍ଷମ ଚିନାବାଦାମ କିସମ କାଦ୍ରୀ ଲେପାକ୍ଷିର ବିହନ, ଅଣୁସାର, କୀଟନାଶକ ଔଷଧ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଏହି ପ୍ରଦର୍ଶନ ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ଯୋଗାଇ ଦେଇ ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦାମ ଚାଷ ସମ୍ବନ୍ଧରେ ତାଲିମ୍ ମଧ୍ୟ ଦିଆଯାଇଥିଲା । କାଶୀନଗର ଓ ଗୁମ୍ମା ବ୍ଲକର ୧୦୦ ଜଣ ଚାଷୀଙ୍କ ୪୦ ହେକ୍ଟର ଜାଗାରେ ଏହି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଟି ଚାଲୁ ରହିଛି ।




# ବିଶ୍ୱ ପରିବେଶ ଦିବସ ପାଳନ




ପରିବେଶର ସୁରକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଏ । ପ୍ରତିବର୍ଷ ଏହି ଦିବସରେ ସଭା, କର୍ମଶାଳା, ପ୍ରଦର୍ଶନୀ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥାଏ । ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ, ଉଦ୍ୟାନ ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ, କ୍ଷେତବିଜ୍ଞାନ ବିଶେଷଜ୍ଞ ଡଃ ସଞ୍ଜୀବ ମାଣ୍ଡି, କୃଷି ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ, କୃଷିଯନ୍ତ୍ରୀ ବିଶେଷଜ୍ଞ ଶ୍ରୀ ଜାନୁଆରିୟସ୍ କୁଜୁର୍ ଯୋଗ ଦେଇ ଧରାପୃଷ୍ଠରେ ଥିବା ଗଛମାନଙ୍କର ସ୍ଥିତି ପରିବେଶ ସନ୍ତୁଳନ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ବୋଲି ସୂଚନା ଦେଇଥିଲେ ।

# ଆନ୍ତର୍ଜାତୀୟ ଯୋଗ ଦିବସ



ମଣିଷ ତା'ର ଦିନଚର୍ଯ୍ୟା ମଧ୍ୟରେ ଖାଦ୍ୟକୁ ଯେପରି ସମୟ ଅନୁସାରେ ଗ୍ରହଣ କରୁଛି ସେହିପରି ଶରୀରକୁ ସୁସ୍ଥ ଓ ମନକୁ ପ୍ରଫୁଲ୍ଲ ରଖିବା ନିମନ୍ତେ କିଛି ସମୟ ବାହାର କରି ଯୋଗାଭ୍ୟାସ କରିବା ନିତାନ୍ତ ଜରୁରୀ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ରମୋଦୀ ୨୦୧୪ ମସିହାରେ ଜାତିସଂଘକୁ ଯୋଗ ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ । ସେବେଠାରୁ ଜାତିସଂଘ ଜୁନ୍ ମାସ ୨୧ ତାରିଖଟିକୁ

NEWS LETTER

'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରିବାକୁ ଗ୍ରହଣ କରିଥିଲେ । ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ 'ଯୋଗ ଦିବସ' ପାଳନ କରାଯାଇଥିଲା । ଏଥିରେ ରା.ଉଦୟଗିରିର ଅନେକ ବ୍ୟକ୍ତି ତଥା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଯୋଗ କରିଥିଲେ । ଶେଷରେ ଯୋଗାସନ ଦ୍ୱାରା ମନରେ ସକାରାତ୍ମକ ଭାବ ଜାଗ୍ରତ ହୋଇ କାର୍ଯ୍ୟକଳାପ ଉପରେ ଧ୍ୟାନ ଓ ଏକାଗ୍ରତା ବୃଦ୍ଧି ପାଇଥାଏ ତଥା ମଣିଷର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ, ତେଣୁ ଯୋଗାସନ ଆମ ନିତ୍ୟାଦୀନ ଜୀବନ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ବୋଲି ଆଲୋଚନା କରିଥିଲେ ।

## କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ




କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ଏକ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ୨୫ ଜଣ ଚାଷୀଭାଇ ଓ ଭଉଣୀ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ରବିଜ୍ଞାନ ବିଶେଷଜ୍ଞ ଡଃ ସଞ୍ଜୀବ ମାଣ୍ଡି ତାଲିମ୍ ପ୍ରଦାନ କରିଥିଲେ । ମୃତ୍ତିକା ଏବଂ ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ମୃତ୍ତିକା କ୍ଷୟ ରୋକିବା, ଜଳ ସମ୍ପଦ ସଂରକ୍ଷଣର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ ।

## ଅନୁସୂଚିତ ଜନଜାତି ଉପାଦାନ କାର୍ଯ୍ୟକ୍ରମ




ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ ନିଜର ଜୀବିକା ନିର୍ବାହ ନିମନ୍ତେ ମୁଖ୍ୟତଃ କୃଷି ଓ ଉଦ୍ୟାନକୃଷି ଉପରେ ନିର୍ଭର କରିଥାନ୍ତି । ଆଦିବାସୀ ଚାଷୀମାନଙ୍କର ଆୟ ବୃଦ୍ଧି କରିବା ନିମନ୍ତେ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଅନୁସୂଚିତ ଜନଜାତି ଉପାଦାନ କାର୍ଯ୍ୟକ୍ରମ ମାଧ୍ୟମରେ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକର ମନୋନୀତ ଗ୍ରାମଗୁଡ଼ିକରେ ତାଲିମ୍ କରାଯାଇ କ୍ଷେତ୍ରପ୍ରଦର୍ଶନ ଓ କ୍ଷେତ୍ର ପରୀକ୍ଷଣ କରିବା ନିମନ୍ତେ ଉନ୍ନତ ମାନର ପନିପରିବା ବିହନ, ଛତୁ ବିହନ, କୁକୁଡ଼ାଚିଆଁ, ମହୁମାଛି ବାକ୍ସ, ଫଳଚାରା, ଶ୍ରମଲାଘବ ଯନ୍ତ୍ରପାତି ଯୋଗାଇ ଦିଆଯାଏ ।




**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡଃ ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
**ସମ୍ପାଦନା ମଣ୍ଡଳୀ:** ଡଃ. ସୁଶ୍ରୀ ଚୌଧୁରୀ (ବୈଜ୍ଞାନିକ, ଉଦ୍ୟାନ ବିଜ୍ଞାନ), ଡଃ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ଜାନୁଆରିୟସ୍ କୁଜୁର, ବିଷୟ ବସ୍ତୁ ବିଶେଷଜ୍ଞ(କୃଷି ଇଞ୍ଜିନିୟରିଂ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ:୨୦୨୫୦୭୦୫୨୧ **ଯୋଗାଯୋଗ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬,
Email: kvkgajapati.ouat@gmail.com,kvk.gajapati@ouat.ac.in.